# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୫୯ (ଓଡ଼ିଆ ବୁଲେଟିନ୍)    ସପ୍ତାହ - ୩୦    ତାରିଖ: ୨୫.୦୭.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୯.୦୭.୨୦୨୫ ରୁ ୨୫.୦୭.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ଝାରସୁଗୁଡ଼ା | 33 | 35 | 33 | 34 | 35 | 36 | 35 | 25 | 23 | 25 | 26 | 26 | 24 | 24 | 0.7 | 8.6 | 14.1 | 1.8 | 0.0 | 15.4 | 54.8 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୬-୦୭-୨୦୨୫ | ୨୭-୦୭-୨୦୨୫ | ୨୮-୦୭-୨୦୨୫ | ୨୯-୦୭-୨୦୨୫ | ୩୦-୦୭-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 65 | 60 | 10 | 25 | 15 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 34 | 34 | 33 | 33 | 34 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 24 | 24 | 25 | 25 |
| ମେଘ ଆବରଣ (ଓକଟା) | 8 | 7 | 5 | 6 | 6 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 94 | 94 | 90 | 92 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 69 | 81 | 77 | 83 | 81 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 12 | 17 | 17 | 16 | 15 |
| ପବନର ଦିଗ (ଡିଗ୍ରୀ) | 256 | 219 | 220 | 234 | 250 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଜିଲ୍ଲାର ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ସମ୍ପୂର୍ଣ କିମ୍ବା ସାଧାରଣତଃ ମେଘାଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧରେ ଆର୍ଦ୍ରତା ଅଧିକ ରହିବା ସହିତ ୧୨ ରୁ ୧୭ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

| ସାଧାରଣ ଉପଦେଶ |
|---|
| • ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ତାରିଖ:-୨୪.୦୭.୨୦୨୫ ଦିନ ଜାରି କରାଯାଇଥିବା ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଉଭୟ ସପ୍ତାହ-୧ (୨୫ ରୁ ୩୧ ଜୁଲାଇ, ୨୦୨୫) ଏବଂ ସପ୍ତାହ-୨ (୧ ରୁ ୭ ଅଗଷ୍ଟ, ୨୦୨୫) ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବ୍ୟାପକରୁ ଯଥେଷ୍ଟ ବ୍ୟାପକ ବର୍ଷା/ବଜ୍ରପାତ ସହିତ ହାଲୁକାରୁ ମଧ୍ୟମ ବର୍ଷା ସହିତ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଅଛି । |
| • ୨୫ ଜୁଲାଇ ୨୦୨୫ ରେ ଓଡ଼ିଶାର ବିଭିନ୍ନ ଜିଲ୍ଲାଗୁଡ଼ିକରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଦ୍ୱିତୀୟ ସପ୍ତାହରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାର |

ସମ୍ଭାବନା ନାହିଁ । ତଥାପି, ସପ୍ତାହ ମଧ୍ୟରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ଏକ ଉପର-ବାୟୁ ଘୂର୍ଣ୍ଣିଝଡ଼ ପରିସର/ନିମ୍ନ ଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଅଛି ।

- ଉପରୋକ୍ତ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀଭାଇମାନଙ୍କୁ ମୁଖ୍ୟ କ୍ଷେତ ପ୍ରସ୍ତୁତି ସମାପ୍ତ କରିବାକୁ ଓ ତା'ପରେ ଉପଲବ୍ଧ ମାଟି ଆର୍ଦ୍ରତାର ଲାଭ ଉଠାଇ ଖରିଫ ଫସଲ ଯେପରିକି ଧାନ, ହରଡ଼, ମକା, ଚିନାବାଦାମ, ମୁଗ, ଝୁଡଙ୍ଗ ଏବଂ ଅନ୍ୟାନ୍ୟ ବର୍ଷାକାଳୀନ ପନିପରିବା ଇତ୍ୟାଦିର ବୁଣା ବ ରୁଆ କାର୍ଯ୍ୟ ଯଥାସିଘ୍ର ସମାପ୍ତ କରିବାକୁ ପରାମର୍ଶ ଦିଆଯାଉଛି ।
- ପ୍ରଚଳିତ ପାଗର ସ୍ଥିତି (ସାମୟିକ ମେଘୁଆ ଏବଂ ଖରାପାଗ ସହିତ ଅଧିକ ଆର୍ଦ୍ରତା) ବିଭିନ୍ନ ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଚାଷୀମାନଙ୍କୁ ସେମାନଙ୍କ କ୍ଷେତକୁ ବିଭିନ୍ନ ରୋଗ ଯେପରିକି ମୂଳ ପଚା, ଝାଉଲା, ଫଳ ପଚା, କାଣ୍ଡ ପଚା ଇତ୍ୟାଦି ଏବଂ ଶୋଷକ କୀଟମାନଙ୍କ ଆକ୍ରମଣ ପ୍ରତି ନିୟମିତ ଭାବରେ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଛି ।
- ଯଦି ଆସନ୍ତା ଦିନରେ ହେବାକୁ ଥିବା ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ତେବେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ଏବଂ ଯଦି ସମ୍ଭବ ହୁଏ ତେବେ ଅତିରିକ୍ତ ପାଣିକୁ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷଣ କରିନିଅନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଆସନ୍ତା ଦିନରେ କିଛିଟା ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଉଅଛି, ତେଣୁ ଚାଷୀମାନଙ୍କୁ ଘାସ କାଟିବା, କୋଡା ଖୋସା ଏବଂ ଯେକୌଣସି ପ୍ରକାରର ସିଞ୍ଚନ କାର୍ଯ୍ୟ କରିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ରୋପଣ | • ଆସନ୍ତା ସପ୍ତାହର ପ୍ରଥମାର୍ଦ୍ଧରେ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ଧାନ ରୋପନ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯେଉଁ ଚାଷୀମାନଙ୍କ ଧାନ ଚାରା ବ ପଲା ୨୫ ରୁ ୩୦ ଦିନ ବୟସର ହୋଇସାରିଲାଣୀ, ସେମାନଙ୍କୁ ବର୍ଷା ଛାଡ଼ିଲା ପରେ କମ ଗଭୀରତାରେ ୨୦×୧୫ ସେମି ବ୍ୟବଧାନରେ ରୋପଣ କାର୍ଯ୍ୟ ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ଉଚ୍ଚ ଅମଳକ୍ଷମ କିସମ ପାଇଁ, ପ୍ରତି ପାହାଡ ପିଛା କେବଳ ୨ ରୁ ୩ ଟି ଚାରା ଏବଂ ହାଇବ୍ରିଡ୍ ପାଇଁ ପ୍ରତି ପାହାଡରେ ୧ ରୁ ୨ ଟି ଚାରା ବ୍ୟବହାର କରନ୍ତୁ ।<br>• ଘାସ ନିୟନ୍ତ୍ରଣ ପାଇଁ, ପ୍ରତି ପାହାଡରେ ଦାନାଦାର ଘାସମରା ଔଷଧ ବେନସଲଫ୍ୟୁରନ୍ ମିଥାଇଲ୍ ୦.୬ % + ପ୍ରେଟିଲାକ୍ଲୋର୍ ୬% ଜି.ଆର. @ ୪ କିଲୋଗ୍ରାମ/ଏକରକୁ ୪ କିଲୋଗ୍ରାମ ବାଲି ସହିତ ମିଶାଇ ରୋପଣର ୫ ରୁ ୧୦ ଦିନ ପରେ ଖେତରେ ପ୍ରୟୋଗ କରନ୍ତୁ । |
| ମକା | ଅଂଗିୟ ଅବସ୍ଥା | • ଏବେ କିଛି ମକା କ୍ଷେତରେ କାଣ୍ଡବିନ୍ଧା ପୋକର ଆକ୍ରମଣ ଦେଖାଯାଉଛି, ତେଣୁ ଚାଷୀମାନଙ୍କୁ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ଭଲ ଭାବରେ ମିଶାଇ କରି କ୍ଷେତରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗାମୀ ଦୁଇ ଦିନ ମଧ୍ୟରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଅଛି ତେଣୁ ଔଷଧର ପ୍ରୟୋଗ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ । ବର୍ଷା ଛାଡ଼ିଲା ପରେ ଯଦି ଦରକାର ପଡେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରି ସିଞ୍ଚନ କାର୍ଯ୍ୟ କରନ୍ତୁ । |
| ବାଇଗଣ, ବିଲାତି ବାଇଗଣ | ନର୍ସରୀ ବୁଣା / ଚାରା / ରୋପଣ / ଅଂଗିୟ ଅବସ୍ଥା | • ପନିପରିବାଗୁଡ଼ିକୁ ଅଧିକ ପବନର ଗତିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଆଗକୁ କିଛିଟା ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ଏବଂ ଖେତରୁ ଅତ୍ୟଧିକ ଜଳର ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ପୂର୍ବ ଦିନଗୁଡିକରେ ପାଣିପାଗର ଯେଉଁ ସ୍ଥିତି ରହିଥିଲା ତାହା ଟମାଟୋ ଏବଂ ବାଇଗଣ ଫସଲରେ ଯଥାକ୍ରମେ ଫଳ ବିନ୍ଧା ପୋକ ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକ ଆକ୍ରମଣ ପାଇଁ ଅନୁକୂଳ ଥିଲା, ତେଣୁ ଆଗାମୀ ଦିନରେ ଏହାର ପ୍ରକୋପ ଦେଖିବାକୁ ମିଳିପାରେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ । |

| | | |
|---|---|---|
| ଲଙ୍କା | ନର୍ସରୀ ପରିଚାଳନା / ଚାରା / ରୋପଣ | • ଲଙ୍କା ଫସଲରେ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ କାରଣ ଆଗକୁ ବର୍ଷା ହେବାର ସମ୍ଭାବନା ରହିଅଛି ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ଶୋଷକ କୀଟମାନଙ୍କ ସଂକ୍ରମଣ ବଢିବାର ଦେଖାଯାଇପାରେ ତେଣୁ ଏହା ପ୍ରତି ନଜର ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ଏବେ ଗାଈମାନଙ୍କଠାରେ ଫାଟୁଆ ରୋଗର ଲକ୍ଷଣ ଦେଖାଦେଲାଣି, ତେଣୁ ଏହି ରୋଗର ପ୍ରତିକାର ପାଇଁ ୪ ମାସରୁ ଅଧିକ ବୟସର ପଶୁକୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ଦେବା ଜରୁରୀ ହୋଇଥାଏ ଓ ପ୍ରଥମ ଟୀକାକରଣର ୨୮ ଦିନ ପରେ ଆଉ ଏକ ବୁଷ୍ଟର ଟୀକା ଦେବା ଉଚିତ । ଟୀକାକରଣ ପୂର୍ବରୁ କୃମିନାଶକ ଔଷଧର ସେବନ କରାନ୍ତୁ ଏହାଦ୍ବାରା ଟୀକାକରଣର ଅଧିକ ସୁଫଳ ମିଳିଥାଏ ।<br>• ଆଗକୁ ବିଜୁଳି ଘଡଘଡିର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖିବାକୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖିବାକୁ ପରାମର୍ଶ ଦିଆଯାଇଅଛି । | |
| କୁକୁଡ଼ା | • ପ୍ରଚଳିତ ପାଗ ଯୋଗୁଁ, କୁକୁଡ଼ା ଫାର୍ମରେ ରାଣୀଖେତ ବା ଘୁମା ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଉଛି, ତେଣୁ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ, କୁକୁଡ଼ା ଛୁଆମାନଙ୍କୁ ୧ ରୁ ୭ ଦିନ ବୟସରେ ଏବଂ ତା'ପରେ ପୁଣି ୨୦ ରୁ ୨୮ ଦିନ ବୟସରେ ରାଣୀଖେତ ରୋଗ ପ୍ରତିରୋଧୀ ଟୀକା ନିଶ୍ଚୟ ଦିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ନିକଟସ୍ଥ ପଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ/ଇୟରଲିଙ୍ଗ, କୁକୁଡ଼ା ଛୁଆ, ମହୁମାଛି ଓ ବ୍ଲୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।